# ମୁଖବନ୍ଧ

ସହରାଞ୍ଚଳରେ କଠିନ ବର୍ଜ୍ୟବସ୍ତୁ ର ପରିଚାଳନା (ଏସଡବ୍ଲୁଏମ୍) ଆଜି ଆମ ଦେଶ ସମ୍ମୁଖିନ ହେଉଥିବା ସବୁଠୁ ବଡ ଆହ୍ୱାନମାନଙ୍କ ମଧ୍ୟରେ ଏକ ଭାବରେ ଉଭା ହୋଇଛି । ଜନସାସ୍ଥ୍ୟ ଏବଂ ପରିବେଶ ଫଳାଫଳ ଦୃଷ୍ଟିରୁ ବର୍ଜ୍ୟବସ୍ତୁର ଅନୁପଯୁକ୍ତ ପରିଚାଳନାର ଗୁରୁତ୍ୱପୂର୍ଣ୍ଣ ନକାରାତ୍ମକ ପ୍ରଭାବ ରହିଛି । କଠିନ ବର୍ଜ୍ୟବସ୍ତୁର ପରିଚାଳନା ,କଠିନ ବର୍ଜ୍ୟବସ୍ତୁନିୟମ ଦ୍ୱାରା ପରିଚାଳିତ ଏବଂ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ଯଥା ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ, ବାୟୋ-ମେଡିକାଲ ବର୍ଜ୍ୟବସ୍ତୁ, ଇ-ବର୍ଜ୍ୟବସ୍ତୁ , କଠିନ ବର୍ଜ୍ୟବସ୍ତୁ ନିୟମ ଦ୍ୱାରା ପରିଚାଳିତ ଏବଂ ନିର୍ଦ୍ଦିଷ୍ଟ ନିୟମ ଦ୍ୱାରା ଅନୁପୁରିତ ।

ରାଜ୍ୟରେ ଏସଡବ୍ଲୁଏମ ନିୟମ 2016 ର କାର୍ଯ୍ୟାନ୍ୱୟନ ପାଇଁ 114 ଟି ୟୁଏଲବି ଉତ୍ତରଦାୟୀ । ଏହି ୟୁଏଲବି ଗୁଡିକରେ 2019-20 ମଧ୍ୟରେ ବର୍ଜ୍ୟବସ୍ତୁ ର ଆନୁମାନିକ ଉତ୍ପାଦନ 2,208.60 ଟନ୍ ଦୈନିକ (ଟିପିଡି) ଥିଲା । ଉପରୋକ୍ତ ମଧ୍ୟରୁ 2,123.30 ଟିପିଡି ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇଥିଲା ଏବଂ ସେ ମଧ୍ୟରୁ 202.40 ଟିପିଡି ପ୍ରକ୍ରିୟାକରଣ କରାଯାଇଥିଲା ।

ଏହି ରିପୋର୍ଟରେ ଓଡିଶାର ସହରାଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନାର ଏକ ସମ୍ପାଦନ ସମୀକ୍ଷା ଫଳାଫଳ ରହିଛି ଯାହା ୟୁଏଲବି ଗୁଡିକରେ ବର୍ଜ୍ୟବସ୍ତୁ ପରିଚାଳନା ଯୋଜନା ପ୍ରଭାବଶାଳୀ, ଦକ୍ଷ ଓ ମିତବ୍ୟୟୀ କି ନୁହେଁ ତାହା ନିର୍ଦ୍ଧାରଣ କରିବା ଉଦ୍ଦେଶ୍ୟ ରେ କରାଯାଇଥିଲା ଏବଂ ସଚେତନାତା ସୃଷ୍ଟିର ପର୍ଯ୍ୟାପ୍ତତା, ଆଚରଣଗତ ପରିବର୍ତ୍ତନକୁ ପ୍ରଭାବିତ କରିବା ପାଇଁ ନାଗରିକଙ୍କ ଯୋଗଦାନ, ଅଭିଯୋଗ, ନାଗରିକ ଙ୍କ ପାଇଁ ପ୍ରତିକାର ପ୍ରଣାଳୀ, ପରିବେଶ ପ୍ରଭାବର ମୂଲ୍ୟାଙ୍କନ ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଓ ପର୍ଯ୍ୟବେକ୍ଷଣ ପ୍ରଣାଳୀ ପର୍ଯ୍ୟାପ୍ତ ଓ ପ୍ରଭାବଶାଳୀ ଥିଲା କି ନୁହଁ ସେଗୁଡିକ ନିର୍ଦ୍ଧାରଣ କରାଯାଇଥିଲା ।

ଉପରୋକ୍ତ ସମୀକ୍ଷା ଲକ୍ଷ୍ୟ ନିର୍ଦ୍ଧାରଣ ନିମନ୍ତେ ଏହି ସଂପାଦନ ସମୀକ୍ଷା ପାଇଁ ଚୟନରେ ରେ 21 ଟି ୟୁଏଲବି,21 ଟି ଜିଲ୍ଲା ସାସ୍ଥ୍ୟ ଯତ୍ନ ୟୁନିଟ୍, ରାଜ୍ୟ ଜଳଯୋଗାଣ ଏବଂ ସେରେଜ୍ ବୋର୍ଡ, ଓଡିଶା ଜଳ ନିଗମ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅର୍ନ୍ତଭୁକ୍ତ ଥିଲା ।

ଭାରତ ସମ୍ବିଧାନର ଧାରା 151 ଏବଂ ସିଏଜିଙ୍କ ଡିପିସି ନିୟମ 1971 ଅନୁଯାୟୀ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଏହି ପ୍ରତିବେଦନ ଓଡିଶା ରାଜ୍ୟପାଳଙ୍କୁ ପ୍ରଦାନ ନିମନ୍ତେ ପ୍ରସ୍ତୁତ ହୋଇଅଛି । ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଦ୍ୱାରା ଜାରି କରାଯାଇଥିବା ସମୀକ୍ଷା ମାନଦଣ୍ଡ ଅନୁସାରେ ସମୀକ୍ଷା ସଂମ୍ପନ୍ନ କରାଯାଇଛି ।
ଅନୁବାଦିତ ପ୍ରତିବେଦନରେ ସନ୍ଦେହ ଜାତ ହେଲେ ଇଂରାଜୀ ପ୍ରତିବେଦନ ବିଶ୍ୱାସଯୋଗ୍ୟ ବିବେଚିତ ହେବ ।